TPNODL

ଟିପି ନର୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଉପଭୋକ୍ତା ଘୋଷଣାପତ୍ର

ସୂଚୀ

ସୂଚୀପତ୍ର ୧

୧. ଉପଭୋକ୍ତା ଘୋଷଣାପତ୍ର ଏବଂ ବିଭିନ୍ନ ସେବା ଲାଭ ପାଇଁ ନିର୍ଦ୍ଦେଶାବଳୀ ୨

୨. ଅଭିଯୋଗ ଓ ଅନୁରୋଧ ଦାଖଲ କରିବାର ବିଭିନ୍ନ ମାଧ୍ୟମ ୫

୩. ଗ୍ରାହକ ସେବା କେନ୍ଦ୍ରର ତାଲିକା (ସଂଲଗ୍ନ କ)................... ……………………………୬

୪. ହ୍ୱାଟସ୍ଆପ୍ ରେ ଉପଲବ୍ଧ ସେବା.. ୭

.... ୭

୫. ନୂତନ ସେବା ସଂଯୋଗର ଉପାୟ ଓ ପ୍ରମାଣ... ୮

.... ୮

Form 1 - https://www.tpnodl.com/Editor_UplodedDocuments/content/Form-1.pdf
Form 2 - https://www.tpnodl.com/Editor_UplodedDocuments/content/Form-2.pdf
Form 2 - https://www.tpnodl.com/Editor_UplodedDocuments/content/Form-3.pdf

୬. ନୂତନ ସେବା ସଂଯୋଗ ପାଇଁ ଆବଶ୍ୟକ ପ୍ରମାଣ ମାଟ୍ରିକ୍ସ............. …………………… ୯

୭. ମିଟିରିଂ... ୧୦

୮. ରିଡିଂ ଏବଂ ବିଲିଂ .... ………………………………………………………୧୧

୯. ସଂଯୋଗ ବିଚ୍ଛିନ୍ନ /ପୁନଃସଂଯୋଗ.. ୧୨

୧୦. ବିଭିନ୍ନ ଅନୁରୋଧ ଓ ସେବା ପାଇଁ ସମୟସୀମା............ ………………………….. ୧୩

୧୧. ସଂଲଗ୍ନ ଗୁଡିକର ତାଲିକା...................... ……………………………………… ୧୪

୧. ଉପଭୋକ୍ତା ଘୋଷଣାପତ୍ର ଏବଂ ବିଭିନ୍ନ ସେବା ଲାଭ ପାଇଁ ନିର୍ଦ୍ଦେଶାବଳୀ

ଆମ ବିଷୟରେ :

ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ଟାଟା ପାୱାର ଓ ଓଡିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ । ଟାଟା ପାୱାର ନିକଟରେ ବୃହତ୍ ଅଂଶ (୫୧%) ରହିଛି । ଓଡିଶାରେ ଟାଟା ପାୱାରର ବଣ୍ଟନ - ଟିପିଏନଓଡିଏଲ୍ ୯୭ ଲକ୍ଷ ଗ୍ରାହକଙ୍କୁ ସେବା ଯୋଗାଉଥିବା ବେଳେ ଏହାର ଗ୍ରାହକ ଆଧାର ୨୦.୯୮ ଲକ୍ଷରୁ ଅଧିକ ରହିଛି । ଏହା ପ୍ରାୟ ୨୭,୯୨୦ ବର୍ଗ କି.ମି ଅଞ୍ଚଳରେ ବୃହତ୍ତ ସେବା ବଣ୍ଟନ କରୁଛି ।

ଟିପିଏନଓଡିଏଲର ଲକ୍ଷ୍ୟ ହେଉଛି ଉତ୍ତର ଓଡିଶାରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ବଣ୍ଟନ କରିବା , ଉନ୍ନତ ଗ୍ରାହକ ସେବା ଏବଂ ବ୍ୟବସ୍ଥିତ ଭାବେ ଏଟି ଆଣ୍ଡ ସି କ୍ଷତିକୁ ୨୫.୩୨% ରୁ ୧୬.୦୯% କୁ ହ୍ରାସ କରିବା । ବର୍ତ୍ତମାନର ବଣ୍ଟନ ଭିତ୍ତିଭୂମିକୁ ଉନ୍ନତ କରିବା, ନୂଆ ଟେକ୍ନୋଲୋଜିର ବ୍ୟବହାର ଏବଂ ଗ୍ରାହକମାନଙ୍କୁ ବିଭିନ୍ନ ଡିଜିଟାଲ ସେବା ପ୍ରଦାନ ଦ୍ୱାରା ଏସବୁ ହାସଲ କରାଯାଇ ପାରିବ । କ୍ଷତି ହ୍ରାସ ସହିତ ଏହି ବିଦ୍ୟୁତ ବିତରଣ କମ୍ପାନୀ ଓଡିଶାରେ ଏହାର ଗ୍ରାହକ ଅଭିଜ୍ଞତାକୁ ଉନ୍ନତ କରିପାରିଛି । ଗୋଟିଏ ସ୍ଥାନରେ ସମାଧାନ , ପ୍ରଭାବଶାଳୀ ଯୋଗାଯୋଗ ନିମନ୍ତେ ଅତ୍ୟାଧୁନିକ କଲ୍ ସେଣ୍ଟର ଓ ଗ୍ରାହକ ସେବା କେନ୍ଦ୍ର ଓ ଗ୍ରାହକ କୈନ୍ଦ୍ରିକ ପ୍ରକ୍ରିୟା ଏବଂ ଗ୍ରାହକଙ୍କୁ ଖୁସି କରିବା ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଗ୍ରାମାଞ୍ଚଳର ଗ୍ରାହକଙ୍କ ପାଇଁ ଆଉ ଏକ ପଦକ୍ଷେପ ନିଆଯାଇଛି ଯଥା - ଅନୁଭବ କେନ୍ଦ୍ର ଯେଉଁଠାରେ ଅଭିଯୋଗ/ଅନୁରୋଧ ଗୁଡିକର ସମାଧାନ କରାଯାଏ । ଗ୍ରାହକମାନେ ସେମାନଙ୍କ ଅଭିଯୋଗ ଜଣାଇବା ପାଇଁ ଏବଂ ତୁରନ୍ତ ସମାଧାନ ପାଇଁ ବିଭିନ୍ନ ସ୍ଥାନରେ ନିଷ୍ପା ଶିବିରର ଆୟୋଜନ କରାଯାଉଛି ।

ଗ୍ରାହକମାନଙ୍କ ସୂଚନା ନିମନ୍ତେ ଗ୍ରାହକ ସେବା କେନ୍ଦ୍ର ଓ ଆମ ୱେବସାଇଟ୍ (**www.tpnodl.com**) ରେ ଗ୍ରାହକ ସମ୍ପର୍କ ଅଧିକାରୀଙ୍କ ସହ ନିମ୍ନ ଲିଖିତ ଦଲିଲ୍/ପ୍ରକ୍ରିୟା ଉପଲବ୍ଧ :

- ଅନୁମୋଦିତ ଟାରିଫ୍ ସିଡ୍ୟୁଲ
- ସମସ୍ତ ପ୍ରକ୍ରିୟାର ମାଟ୍ରିକ୍ସ ବୃଦ୍ଧି
- ମତାମତ ଫର୍ମ
- ନିୟମାବଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାହକ ସେବା ଫର୍ମ
- ବିଭିନ୍ନ ସେବା ପାଇଁ ନିର୍ଦ୍ଦିଷ୍ଟ ଦେୟ

- ସିଆରଏମ୍ ବ୍ୟବସ୍ଥା ଦ୍ୱାରା ଅଭିଯୋଗ ଦାଖଲ
- ଅଭିଯୋଗ ପ୍ରତିକାର ପାଇଁ ଅଧିକାରୀଙ୍କ ତାଲିକା

ଟିପିଏନଓଡିଏଲ ଗ୍ରାହକମାନେ ଟିପିଏନଓଡିଏଲ ସହ ଯୋଗାଯୋଗ ପାଇଁ ନିମ୍ନଲିଖିତ ମଧ୍ୟରୁ ଯେକୌଣସି ମାଧ୍ୟମ ବ୍ୟବହାର କରିପାରିବେ :

- ୱେବସାଇଟ୍ - **https://www.tpnodl.com/**
- ଟ୍ୱିଟର - **@tpnodl_balasore**
- ହ୍ୱାଟସଆପ୍ - ୭୭୭୭୦୦୪୭୫୯
- ମୋବାଇଲ ଆପ୍ - **My Tata Power App**
- ୨୪ × ୭ ଟୋଲ ଫ୍ରି କଲ ସେଣ୍ଟର ନମ୍ବର ୧୮୦୦-୩୪୫୬-୭୧୮/ ୧୯୧୨
- ଇମେଲ - **customercare@tpnodl.com**
  ଗ୍ରାହକ ସେବା କେନ୍ଦ୍ର (ସଂଲଗ୍ନ କ)

ଏହା ବ୍ୟତୀତ ଗ୍ରାହକ ନିମ୍ନଲିଖିତ ଉଦ୍ଦେଶ୍ୟ ପାଇଁ ମୋ-ବିଦ୍ୟୁତ୍ ପ୍ଲାଟଫର୍ମର ବ୍ୟବହାର କରୁଛନ୍ତି :

୧. ନୂତନ ସଂଯୋଗ ପଞ୍ଜିକରଣ ଏବଂ ସ୍ଥିତି ଯାଂଚ
୨. ବିଦ୍ୟୁତ୍ ବିଲ୍ ପୈଠ
୩. ଅଭିଯୋଗ ଦାଖଲ
୪. କେଉଁ ବିଭାଗରେ ଅନ୍ତର୍ଭୁକ୍ତ ଏବଂ ଏହାର ଦେୟ



୨. ଅଭିଯୋଗ ଓ ଅନୁରୋଧ ଦାଖଲର ବିଭିନ୍ନ ମାଧ୍ୟମ

ଅଭିଯୋଗ/ଅନୁରୋଧର ପ୍ରକାର	ପଞ୍ଜିକରଣର ମାଧ୍ୟମ							
	କଲ୍ ସେଣ୍ଟର	ଗ୍ରାହକ ସେବା କେନ୍ଦ୍ର	ଅନୁଭବ କେନ୍ଦ୍ର	ୱେବସାଇଟ୍	ଇମେଲ୍	ମୋବାଇଲ ଆପ୍	ସେକ୍ସନ୍ ଅଫିସ୍	ହ୍ୱାଟସ୍ ଆପ୍
ନୂତନ ସଂଯୋଗ (ସ୍ଥାୟୀ /ସାମୟିକ)	ହଁ	ହଁ	ହଁ	ହଁ	ହଁ	ହଁ	ହଁ	ନା
ଲୋଡ୍ ପରିବର୍ତ୍ତନ (ବୃଦ୍ଧି /ହ୍ରାସ)	ହଁ	ହଁ	ହଁ	ହଁ	ହଁ	ହଁ	ହଁ	ନା
ସଂଯୋଗ ବିଛିନ୍ନ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ପୁନଃ ସଂଯୋଗ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ନାମ ପରିବର୍ତ୍ତନ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
କ୍ୟାଟେଗୋରୀ ପରିବର୍ତ୍ତନ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ମୋବାଇଲ୍ / ଇମେଲ ଆଇଡି ଅପଡେଟ୍	ହଁ	ହଁ	ହଁ	ହଁ	ହଁ	ହଁ	ହଁ	ହଁ
ମିଟର ଟେଷ୍ଟିଂ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ମିଟର ପରିବର୍ତ୍ତନ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ମିଟର କ୍ଷତି / ତ୍ରୁଟି	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ବିଲିଂ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ରିଡିଂ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ଦେୟ	ହଁ	ହଁ	ହଁ	ନା	ହଁ	ହଁ	ହଁ	ନା
ବିଦ୍ୟୁତ୍ ଯୋଗାଣ ନାହିଁ	ହଁ	ହଁ	ହଁ	ହଁ	ହଁ	ହଁ	ହଁ	ହଁ
ଭୋଲଟେଜ୍ ଅସ୍ଥିରତା	ହଁ	ହଁ	ହଁ	ହଁ	ହଁ	ହଁ	ହଁ	ହଁ
ଚୋରି ସୂଚନା	ହଁ	ହଁ	ହଁ	ହଁ	ହଁ	ହଁ	ହଁ	ହଁ

୩. ଗ୍ରାହକ ସେବା କେନ୍ଦ୍ରର ତାଲିକା (ସଂଲଗ୍ନ କ)

କ୍ରମିକ ସଂଖ୍ୟା	ଡିଭିଜନ୍	ଗ୍ରାହକ ସେବା କେନ୍ଦ୍ର	ଅଫିସର ଇନଚାର୍ଜ
1.	ବିଇଡି, ବାଲେଶ୍ୱର	ବିବେକାନନ୍ଦ ମାର୍ଗ , କାଳୀ ମନ୍ଦିର ନିକଟ , ବାଲେଶ୍ୱର ୭୫୬୦୦୧	ପ୍ରିୟଙ୍କା ଧାରୁଆ
2.	ବସ୍ତା, ବାଲେଶ୍ୱର	ଜାମଶୁଳି, ପିଏସ୍ :ସିଙ୍ଗଲା, ବସ୍ତା, ବାଲେଶ୍ୱର,୭୫୬୦୮୧	ପ୍ରଦୀପ କୁମାର ପଣ୍ଡା
3.	ସିଇଡି, ବାଲେଶ୍ୱର	ନୀଳଗିରି, ଆ/ପୋ:କାହାଳିଆ, ପୋଲିସ୍ ଷ୍ଟେସନ୍ ନିକଟ, ବାଲେଶ୍ୱର,୭୫୬୦୪୦	ଅଙ୍କିତା ବିଶ୍ୱାଳ
4.	ସୋର , ବାଲେଶ୍ୱର	ଆ-ଆଶ୍ରମ ଛକ, ଇଲେକ୍ଟ୍ରିକାଲ ସବ ଡିଭିଜନ୍ ଅଫିସ୍ ,ସୋର -୭୫୬୦୪୫	ରାଜଶ୍ରୀ ରାଜନନ୍ଦିନୀ ଜେନା
5.	ଜଳେଶ୍ୱର , ବାଲେଶ୍ୱର	ଜଳେଶ୍ୱର, ଇଲେକ୍ଟ୍ରିକାଲ ସବ ଡିଭିଜନ୍ ଅଫିସ୍ ,ଷ୍ଟେସନ୍ ବଜାର,ଜଳେଶ୍ୱର-୭୫୬୦୩୨	ଆୟୁଷ୍ମାନ ସାହୁ
6.	ଇପିଇଡି,ବାରିପଦା	ଗୋଲାପ ବାଗ୍, କଚେରୀ ରୋଡ, ବାରିପଦା,୭୫୭୦୦୧	ବିଷ୍ଣୁପ୍ରିୟା ସାହୁ
7.	ରାଇରଙ୍ଗପୁର,ବାରିପଦା	ସ୍ୱାମୀ ଜେରକ୍ସ ନିକଟ,ଦୁର୍ଗାମଣ୍ଡପ, ରାଇରଙ୍ଗପୁର-୭୫୭୦୪୩	ମଧୁମିତା ଗିରି
8.	ଉଦଳା,ବାରିପଦା	ଅରବିନ୍ଦ ସ୍କୁଲ ନିକଟ , ମେଣ୍ଢାଖାଇ, ଉଦଳା,ମୟୂରଭଞ୍ଜ-୭୫୭୦୪୧	ବିଶୁଦ୍ଧାନନ୍ଦ ବାରିକ
9.	ବିଏନଇଡି,ଭଦ୍ରକ	ପାୱାର ହାଉସ୍,ପିଓ- ଭଦ୍ରକ, ୭୫୬୧୦୦	ଅଭିଷେକ ବୋଇତେଇ
10.	ବିଏସଇଡି, ଭଦ୍ରକ	ଆ-ଦକ୍ଷିଣବାଡ ଛକ, ଧାମନଗର, ୭୫୬୧୧୭	ଆଲୋକ ବେହେରା
11.	ଯାଜପୁର ରୋଡ୍, ଯାଜପୁର	ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,ଜେଆରଇଡି,ଧବଳ ଗିରି,ପିଓ-ସୋବଲା,ଯାଜପୁର-୭୫୫୦୧୯	ରାହୁଲ ଦତ୍ତ
12.	ଯାଜପୁର ଟାଉନ,ଯାଜପୁର	ଖଣ୍ଡେଶ୍ୱର, ଯାଜପୁର ଟାଉନ୍,ପୋ-ଦେବୀଦ୍ୱାର-୭୫୫୦୦୭	ଅମୃତା ସାହୁ
13.	କୁଆଖିଆ,ଯାଜପୁର	ଡିଭିଜନ ଅଫିସ୍ ନିକଟ,କୁଆଖିଆ,ଚଣ୍ଡୀପୁର,ଯାଜପୁର-୭୫୫୦୦୯	ପ୍ରଜ୍ଞାମୟୀ ତ୍ରିପାଠୀ
14.	କେଇଡି,କେନ୍ଦୁଝର	ସୁପରିଟେଣ୍ଡେଣ୍ଟିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ଇଲେକ୍ଟ୍ରିକ ସର୍କଲ ପାୱାର ହାଉସ, କେନ୍ଦୁଝର-୭୫୮୦୦୧	ମାସୁମା ନାଜ୍
15.	ଆନନ୍ଦପୁର, କେନ୍ଦୁଝର	ଏଚଡିଏଫସି ବ୍ୟାଙ୍କ ଆନନ୍ଦପୁର ବ୍ରାଞ୍ଚନିକଟ, ଆ ଘଷିପୁରା-୭୫୮୦୧୫	ସୁରେଶ ବେହେରା
16.	ଯୋଡା,କେନ୍ଦୁଝର	ଆ-ହୀରାକୁଦ କଲୋନୀ,ପିଓ-ବନେଇକଳା, ଯୋଡା ୭୫୮୦୩୮	ସିଦ୍ଧିପ୍ରଜ୍ଞା ବେହେରା

ସୂଚନା: ଆମର ଗ୍ରାହକ ସେବା କେନ୍ଦ୍ର ଗୁଡିକ ସୋମବାରରୁ ଶନିବାର ସକାଳ ୯.୩୦ରୁ ସଂଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହେ (ଛୁଟିଦିନ ବ୍ୟତୀତ)

୪. ହ୍ୱାଟସ୍ଆପ୍ ରେ ଉପଲବ୍ଧ ସେବା



ଟିପିଏନଓଡିଏଲ	
ଅମ୍ବୁଡସମ୍ୟାନ୍ ଠିକଣା/ଜିଆରଏଫ୍	ଓମ୍ବୁଡସମାନ ଟେଲିଫୋନ ନଂ/ଜିଆରଏଫ୍
ଦ ଓମ୍ବୁଡସମାନ(୧/୨),କ୍ୱା.ନଂ ୩ଆରଏସ୍/୨, ଗ୍ରୀଡକୋ କଲୋନି,ପି.ଓ.-ଭୋଇ ନଗର, ଭୁବନେଶ୍ୱର-୭୫୧୦୨୨	୦୬୭୪-୨୫୪୬୨୬୪
ଦ ପ୍ରେସିଡେଣ୍ଟଗ୍ରିଭାନ୍ସେସ୍ ରିଡ୍ରେସାଲ ଫୋରମ୍,ବାଲେଶ୍ୱର, ଆ-ବିବେକାନନ୍ଦ ମାର୍ଗ ପି.ଓ-ଶ୍ରୀକାନ୍ତପୁର, ଜି-ବାଲେଶ୍ୱର,ପିନ୍ - ୭୫୬୦୦୧	୦୬୭୮୨-୨୬୯୫୭୯
ଦ ପ୍ରେସିଡେଣ୍ଟ ଗ୍ରିଭାନ୍ସେସ୍ ରିଡ୍ରେସାଲ ଫୋରମ୍ ,ଯାଜପୁର,ଆ-ଧବଳଗିରି, (ଟି.ଟି.ଏସ୍ କଲୋନି),ଯାଜପୁର ରୋଡ୍, ଜି-ଯାଜପୁର, ପିନ୍ – ୭୫୫୦୧୯	୦୬୭୨୫-୨୨୪୬୬୮

୫. ନୂତନ ସେବା ସଂଯୋଗର ଉପାୟ ଓ ପ୍ରମାଣ



Form 1 - https://www.tpnodl.com/Editor_UplodedDocuments/content/Form-1.pdf
Form 2 - https://www.tpnodl.com/Editor_UplodedDocuments/content/Form-2.pdf
Form 3 - https://www.tpnodl.com/Editor_UplodedDocuments/content/Form-3.pdf

୬. ନୂତନ ସେବା ସଂଯୋଗ ପାଇଁ ଆବଶ୍ୟକ ପ୍ରମାଣ ମାଟ୍ରିକ୍ସ

LT ବିଦ୍ୟୁତ୍ ସଂଯୋଗ ପାଇଁ ଡକ୍ୟୁମେଣ୍ଟ ମାଟ୍ରିକ୍ସ (5kw ପର୍ଯ୍ୟନ୍ତ)															
ମାଲିକାନା ପ୍ରକାର	ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ														
	ଆବେଦନକାରୀଙ୍କ ପରିଚୟ ପ୍ରମାଣ	ମାଲିକାନା ପ୍ରମାଣ/ଭୂମି ରେକର୍ଡ	ଆବେଦନକାରୀଙ୍କ ଫଟୋ	କ୍ଷତିପୂରଣ ବଣ୍ଡ (Annex.CMG-03)	ଆବେଦନକାରୀ ଙ୍କ ସମାନ	ପ୍ରାଧିକରଣ ପତ୍ର	ସରକାର ପ୍ରାଧିକୃତ ପତ୍ର	ପ୍ରାଧିକୃତ ବ୍ୟକ୍ତିର ପରିଚୟ	ମାଲିକଙ୍କ ଠାରୁ ଏନଓସି	ଭଡା ଚୁକ୍ତି/ଲିଜ୍ ଚୁକ୍ତିନାମା	ଆବେଦନକାରୀଙ୍କ ସମ୍ପର୍କରେ	ମୃତ୍ୟୁ ପ୍ରମାଣପତ୍ର	ଦକ୍ଷ ସରକାରୀ ଅଧିକାରୀଙ୍କ ଠାରୁ	ସ୍ମାରକପତ୍ର ଏବଂ [illegible]	ସହଭାଗିତା କାରବାର ପତ୍ର
ମାଲିକ	✓	✓	✓												
ଭଡାଟିଆ	✓	✓	✓						✓	✓					
ଦଖଲକାରୀ(ମାଲିକାନା ପ୍ରମାଣ ବିନା)			✓	✓	✓										
ମାଲିକଙ୍କ ମୃତ୍ୟୁ କ୍ଷେତ୍ରରେ	✓	✓	✓								✓	✓			
ସରକାରୀ ଏବଂ/କିମ୍ବା ଘରୋଇ ଲିମିଟେଡ୍ କମ୍ପାନୀ		✓	✓			✓		✓						✓	
କମ୍ପାନୀ,ଟ୍ରଷ୍ଟ, ଶିକ୍ଷାନୁଷ୍ଠାନ,ସରକାରୀ ବିଭାଗ ଇତ୍ୟାଦି			✓				✓	✓							
ସହଭାଗୀତା ସଂସ୍ଥା			✓			✓		✓							✓
କୃଷି	✓	✓	✓										✓		

୭. ମିଟରିଂ

ସିଇଏ ନିୟମାବଳୀ ଅନୁଯାୟୀ ଗ୍ରାହକ ମିଟର ସାଧାରଣତଃ ଲାଇସେନ୍ସଧାରୀ / ଯୋଗାଣକାରୀଙ୍କ ଦ୍ୱାରା ହେବ । Regulation 97 (i) of the O E R C Supply Code, 2019.

ନୂତନ ସଂଯୋଗ କ୍ଷେତ୍ର ବା ମିଟର ସ୍ଥାନାନ୍ତର କ୍ଷେତ୍ରରେ ଗ୍ରାହକ ନିୟମାବଳୀ ୯୭ରୁ ୧୦୧ ଏବଂregulations framed under Section 73 of the Act ଅନୁଯାୟୀ ଗ୍ରାହକ ଚାହିଁଲେ ଲାଇସେନ୍ସଧାରୀ / ଯୋଗାଣକାରୀଙ୍କ ଦ୍ୱାରା ପ୍ରମାଣିତ ଦୋକାନଠାରୁ କ୍ରୟ କରିପାରିବେ କିମ୍ବା ଲାଇସେନ୍ସଧାରୀ / ଯୋଗାଣକାରୀଙ୍କୁ ମିଟର ଯୋଗାଣ ପାଇଁ ଅନୁରୋଧ କରିପାରିବେ ଏବଂ ମିଟର ଭଡା ଦେଇପାରିବେ । ଲାଇସେନ୍ସଧାରୀ / ଯୋଗାଣକାରୀ ଗ୍ରାହକଙ୍କ ମିଟର ଯାଂଚ କରି ଏହାକୁ ସିଲ୍ କରିବେ । ଗ୍ରାହକ ଚାହିଁଲେ ଅନ୍ୟ କୌଣସି ମାନ୍ୟତାପ୍ରାପ୍ତ ଟେଷ୍ଟ ଲାବ୍ରେଟୋରୀରେ ମିଟର ଯାଂଚ କରିପାରିବେ । Regulation 102 (ii) a of the O E R C Supply Code, 2019.

ବିକଳ୍ପ ଭାବରେ, ଗ୍ରାହକ ଚାହିଁଲେ ଲାଇସେନ୍ସ ପ୍ରାପ୍ତ / ଯୋଗାଣକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମିଟରର ସମ୍ପୂର୍ଣ୍ଣ ମୂଲ୍ୟ ଦେଇପାରିବେ । ଏପରି ସ୍ଥିତିରେ କୌଣସି ମିଟର ଭଡା ଆଦାୟ ହେବ ନାହିଁ । Regulation 102 (ii) b of the O E R C Supply Code, 2019.

ଲାଇସେନ୍ସଧାରୀ/ ଯୋଗାଣକାରୀଙ୍କ ସିଷ୍ଟମରୁ ସ୍ଥାୟୀ ଭାବରେ ହଟାଯିବା ପରେ ଗ୍ରାହକ ତାଙ୍କ ଦ୍ୱାରା କିଣାଯାଇଥିବା ମିଟରକୁ ତାଙ୍କ ସମ୍ପତି ଭାବରେ ଦାବି କରିବେ । Regulation 102 (ii) c of the O E R C Supply Code, 2019.

ଯୋଗାଣ ସ୍ଥାନ କିମ୍ବା ଉପଯୁକ୍ତ ସ୍ଥାନରେ ମିଟର ସ୍ଥାପନ ନିଷ୍ପତି ଇଞ୍ଜିନିୟର ନେବେ । ମିଟର ସ୍ଥାପନ ହେବାକୁ ଥିବା ସ୍ଥାନର ମାଲିକ ଲାଇସେନ୍ସଧାରୀ/ ଯୋଗାଣକାରୀଙ୍କ ପ୍ରାଧିକୃତ ପ୍ରତିନିଧିଙ୍କୁ ମିଟର ସ୍ଥାପନ , ଟେଷ୍ଟିଂ ,କମିଶନିଂ,ରିଡିଂ, ରେକର୍ଡିଂ ଓ ମେଣ୍ଟେନାନ୍ସ ପାଇଁ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରିବେ । ମିଟର ସ୍ଥାପନର ସ୍ଥାନ ଏପରି ହେବା ଉଚିତ ଯେ ସର୍ବନିମ୍ନ ଅସୁବିଧା ଏବଂ ବ୍ୟାଘାତ ସାଇଟ ମାଲିକ ଏବଂ ସମ୍ପୃକ୍ତ ବଣ୍ଟନ ଲାଇସେନ୍ସଦାତା / ଯୋଗାଣକାରୀଙ୍କ ପାଇଁ ହୋଇଥାଏ ।

ଏହା ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀଙ୍କ ଦ୍ୱାରା ଗ୍ରାହକଙ୍କ ପରିସରରେ କିମ୍ବା ପରିସର ବାହାରେ ସ୍ଥାପିତ ହୋଇପାରେ । ଯଦି ଏହା ଗ୍ରାହକଙ୍କ ପରିସର ବାହାରେ ସ୍ଥାପନ କରାଯାଇଛି ତେବେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଗ୍ରାହକଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ବିଦ୍ୟୁତ୍ ସୂଚାଇବା ପାଇଁ ତାଙ୍କ ସୂଚନା ପାଇଁ ଉପଭୋକ୍ତା ପରିସରରେ ରିୟଲ ଟାଇମ ଡିସପ୍ଲେ ୟୁନିଟ୍ ପ୍ରଦାନ କରିବ । ବିଲିଂ ପାଇଁ ମିଟର ରିଡିଂ ଛଡା ଡିସପ୍ଲେ ୟୁନିଟ୍ ମାନ୍ୟ ହେବ ନାହିଁ । ଯେକୌଣସି ସମୟରେ ରିଡିଂ ଏବଂ ଯାଞ୍ଚ ପାଇଁ ସୁବିଧା ଥିବା ବହୁ ମହଲା ବିଶିଷ୍ଟ ଅଟ୍ଟାଳିକାର ବେସମେଣ୍ଟ କିମ୍ବା ତଳ ମହଲାରେ ମିଟରକୁ ସ୍ଥାପନ କରାଯିବ । ଗ୍ରାହକ ଏପରି ସ୍ଥାନରୁ ୱେୟାରିଂ କରିବେ । ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଗ୍ରାହକଙ୍କୁ ବିଭିନ୍ନ କ୍ୟାଟେଗୋରିରେ ଯୋଗାଣ କରୁଥିଲେ ସମାନ ସ୍ଥାନରେ ଭିନ୍ନ ମିଟର ସ୍ଥାପନ କରାଯାଇପାରିବ । Regulation 102 (iii) of the O E R C Supply Code, 2019.

ମିଟର ବାକ୍ସ ଏପରି ଉଚ୍ଚତାରେ ଲଗାଯିବ ଯେପରି ମିଟର ରିଡିଂ, କାଉଣ୍ଟର/ଡିସପ୍ଲେ ୱିଣ୍ଡୋ ଆଖି ଲେଭେଲରେ ରହିବ । Regulation 102 (vi) of the O E R C Supply Code, 2019.

ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ମିଟର ପର୍ଟିକୁଲାରସ୍ ସିଟ୍ ର ଏକ ଫର୍ମାଟ୍ ତିଆରି କରିବେ ଯେଉଁଥିରେ ମିଟର ସ୍ଥାପନା କିମ୍ବା ପରିବର୍ତ୍ତନର ରେକର୍ଡ କରାଯିବ । ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ନିଜ ପାଖରେ ଏହାର ଏକ କପି ରଖି ଅନ୍ୟ କପିରେ ପ୍ରତିନିଧିଙ୍କ ଦସ୍ତଖତ କରିବା ପର ଗ୍ରାହକଙ୍କୁ ପ୍ରଦାନ କରିବେ । ଗ୍ରାହକ କିମ୍ବା ତାଙ୍କ ପ୍ରତିନିଧି ମଧ ଏହି ସିଟ୍ ରେ ଦସ୍ତଖତ କରିବେ । ଏହାସହ ଉକ୍ତ ସିଟ୍ ରେ ମିଟରର ତ୍ରୁଟି, ମରାମତି, ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ପୂରଣ କରିବେ । Regulation 102 (vii) c of the O E R C Supply Code, 2019.

ମିଟର ଓ ଆନୁସଙ୍ଗିକ ଉପକରଣର ସୁରକ୍ଷା ପାଇଁ ଗ୍ରାହକ ଦାୟୀ ରହିବେ । ଗ୍ରାହକ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀଙ୍କୁ ମିଟରରେ କୌଣସି ତ୍ରୁଟି , ଦୁର୍ଘଟଣା କିମ୍ବା ଅସୁବିଧା ସମ୍ପର୍କରେ ଜଣାଇବେ । ଗ୍ରାହକଙ୍କ ପରିସର ବାହାରେ ସ୍ଥାପନ ମିଟରର ସୁରକ୍ଷା ପାଇଁ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଦାୟୀ ରହିବେ । Regulation 105 (i) of the O E R C Supply Code, 2019.

ମିଟର ସ୍ଥାପନା ପୂର୍ବରୁ ଏହାର ସଠିକତା ଯାଂଚ କରିବା ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଙ୍କ ଦାୟିତ୍ଵ ହେବ । ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଏହି ଉଦ୍ଦେଶ୍ୟ ପାଇଁ ଏହାକୁ ପରୀକ୍ଷା କରିପାରନ୍ତି । Central Electricity Authority (Installation & Operation of Meters) Regulations, 2006 and all subsequent amendments ଅନୁଯାୟୀ ଗ୍ରାହକ ଏହି ପରୀକ୍ଷା ପାଇଁ ଆବଶ୍ୟକ ସହଯୋଗ କରିବେ । Regulation 111 (i) of the O E R C Supply Code, 2019.

ଅଭିଯୋଗ ମିଳିବା ୭ଟି କାର୍ଯ୍ୟଦିବସ ମଧ୍ୟରେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ମିଟରର ସଠିକତା ଯାଞ୍ଚ କରିବେ । ଗ୍ରାହକଙ୍କ ମିଟର ଟେଷ୍ଟ କରିବା ପୂର୍ବରୁ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ୩ ଦିନ ଆଗରୁ ନୋଟିସ୍ ଦେବେ ଯାହା ଫଳରେ ଗ୍ରାହକ କିମ୍ବା ତାଙ୍କ ପ୍ରତିନିଧି ଟେଷ୍ଟିଂ ସମୟରେ ଉପସ୍ଥିତ ରହିପାରିବେ । Regulation 111 (vii) of the O E R C Supply Code, 2019.

ଟେଷ୍ଟିଂରୁ ଯଦି ଜଣାଯାଏ ଯେ ଗ୍ରାହକଙ୍କ ଅସାବଧାନତାରୁ ମିଟରରେ ତ୍ରୁଟି /ଜଳି ଯାଇଛି ଯଥା : ସ୍ଥାପନା ବେଳେ ତ୍ରୁଟି ,ଗ୍ରାହକଙ୍କ ଦ୍ଵାର ବେଆଇନ୍ ଲୋଡ୍ ସଂଯୋଗ ଇତ୍ୟାଦି ଯୋଗୁଁ , ତେବେ ଗ୍ରାହକଙ୍କୁ ମିଟରର ଦେୟ ବହନ କରିବାକୁ ହେବ । ୩୦ଟି କାର୍ଯ୍ୟଦିବସ ମଧ୍ୟରେ ମିଟର ଓ ଆନୁସଙ୍ଗିକ ସରଞ୍ଜାମ ପରିବର୍ତ୍ତନ କରିବାକୁ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଗ୍ରାହକଙ୍କୁ ଜଣାଇବେ । ଗ୍ରାହକ ଏପରି ନକରିପାରିଲେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ନୂତନ ମିଟର ଲଗାଇବେ । ନୂତନ ମିଟର ପାଇଁ ଗ୍ରାହକଙ୍କ ଠାରୁ କମିଶନଙ୍କ ଦ୍ଵାରା ସ୍ଥିରିକୃତ ଦେୟ ଆଦାୟ କରାଯିବ ।Regulation 113 (ii) of the O E R C Supply Code, 2019.

ଯଦି ମିଟର ରେକର୍ଡ କରୁନଥିବା/ଦେଖାଯାଉନଥିବାର (ବନ୍ଦ,ଦ୍ରୁତ କିମ୍ବା ମନ୍ଥର ଚାଲିବା ଅଥବା ଶବ୍ଦ କରିବା ଇତ୍ୟାଦି)ଜଣାପଡିଥାଏ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ୩୦ ଦିନ ମଧ୍ୟରେ ଏହାକୁ ପରିବର୍ତନ କରିପାରିବେ । ବିଶେଷ ପରିସ୍ଥିତିରେ ତ୍ରୁଟିଯୁକ୍ତ ମିଟର ୭୦ ଦିନ ମଧ୍ୟରେ ପରିବର୍ତ୍ତନ ହୋଇପାରିବ । Regulation 114 (iii) of the O E R C Supply Code, 2019.

୮. ରିଡିଂ ଏବଂ ବିଲିଂ

ମାସିକ ବିଲିଂ ଚକ୍ରର ନିର୍ଦ୍ଧାରିତ ୩ ଦିନରେ ମିଟର ରିଡିଂ ନିଆଯିବ । ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ମିଟର ରିଡରମାନଙ୍କୁ ଉପଯୁକ୍ତ ଫଟୋ ପରିଚୟପତ୍ର ଜାରି କରିବେ ଏବଂ ମିଟର ରିଡିଂ ବେଳେ ରିଡରମାନେ ଏହାକୁ ସାଙ୍ଗରେ ନେଇ ଯିବେ । Regulation 109 (i) of the O E R C Supply Code, 2019.

ଗ୍ରାହକ ଯଦି ଘର ଖାଲି କରନ୍ତି କିମ୍ବା ପରିବର୍ତ୍ତନ କରନ୍ତି ତେବେ ସଂଯୋଗ ବିଚ୍ଛିନ୍ନ କରିବା ଗ୍ରାହକଙ୍କ ଦାୟିତ୍ଵ । ନଚେତ୍ ବିଦ୍ୟୁତ୍ ଦେୟ ପୈଠ କରିବା ଜାରି ରହିବ । Regulation 110 (i) of the O E R C Supply Code, 2019.

ସ୍ପଟ୍ ବିଲିଂ ହୋଇନପାରିଲେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଗ୍ରାହକଙ୍କୁ ପୋଷ୍ଟ, କୋରିୟର କିମ୍ବା ମେସେଞ୍ଜରଙ୍କ ଜରିଆରେ ସମୟ ପୂର୍ବରୁ ବିଲ୍ ପଠାଇବେ । ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଗ୍ରାହକଙ୍କ ପଞ୍ଜିକୃତ ଇ-ମେଲ୍ ଆଇଡି/ ମୋବାଇଲ ନମ୍ବର/ସ୍ମାର୍ଟ ମିଟର ମାଧ୍ୟମରେ ବିଲ୍ ଦେୟ ଏବଂ ଦାଖଲ କରିବାର ସମୟ ସମ୍ପର୍କରେ ସୂଚନା ପ୍ରଦାନ କରିବେ । ବିଲିଂ ଏସଏମସ୍ ପାଇଁ ପ୍ରତ୍ୟେକ ଗ୍ରାହକଙ୍କ ମୋବାଇଲ ନମ୍ବର ସଂଗ୍ରହ କରାଯିବ । Regulation 147 (i) of the O E R C Supply Code, 2019.

ଦେୟ ଦାଖଲ କରିବା ସମୟ : ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଗ୍ରାହକଙ୍କୁ ସେମାନଙ୍କ ବିଲ୍ ର ଦେୟ ଦାଖଲ କରିବା ସମୟ ଜଣାଇବେ । ଦେୟ ଦାଖଲ କରିବା ସମୟସୀମା ବିଲିଂ ତାରିଖରୁ ୭ ଦିନ ପର୍ଯ୍ୟନ୍ତ ରହିବ । ଗ୍ରାହକଙ୍କ ପାଇଁ ସାଧାରଣତଃ ଏହା ସମସ୍ତ ବିଲିଂ ଚକ୍ରର ସମୟସୀମା ରହିବ । Regulation 151 (ii) of the O E R C Supply Code, 2019.

ବିଲ୍ ପ୍ରାପ୍ତନହେଲେ : ଯେକୌଣସି କାରଣ ପାଇଁ ଗ୍ରାହକ ବିଲିଂ ଚକ୍ରର ୨ ସପ୍ତାହ ମଧ୍ୟରେ ବିଲ୍ ନପାଇଲେ ନିଜେ ଇଞ୍ଜିନିୟରଙ୍କ ଠାରୁ ବିଲ୍ ର ନକଲ ସଂଗ୍ରହ କରିପାରିବେ । ବିଲ୍ ନଥିଲେ ଗ୍ରାହକ ଶେଷ ମାସ ହିସାବରେ କିମ୍ବା ତାଠାରୁ ଅଧିକ ଦେୟ ଦାଖଲ କିରପାରିବେ । Regulation 151 (xi) of the O E R C Supply Code, 2019.

ବିଳମ୍ବିତ ଦେୟ ସରଚାର୍ଜ : ଗ୍ରାହକ ବର୍ଗ ଯେଉଁମାନଙ୍କ ପାଇଁ ବିଳମ୍ବିତ ଦେୟ ସରଚାର୍ଜ ଲାଗୁ ହେବ ସେମାନେଏହା ଦାଖଲ କରିବେ । ସରଚାର୍ଜ ଉପରେ କୌଣସି ସରଚାର୍ଜ ରହିବ ନାହିଁ । Regulation 151 (xiii) of the O E R C Supply Code, 2019.

୯. ସଂଯୋଗ ବିଚ୍ଛିନ୍ନ /ପୁନଃସଂଯୋଗ

ଓଇଆରସିର ପ୍ରକ୍ରିୟା ଅନୁଯାୟୀ ଅସ୍ଥାୟୀ କିମ୍ବା ସ୍ଥାୟୀ ଭିତ୍ତିରେ ଯୋଗାଣ ବିଚ୍ଛିନ୍ନ ହୋଇପାରେ । ସ୍ଥାୟୀ ସଂଯୋଗ ବିଚ୍ଛିନ୍ନ ପରେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ସର୍ଭିସ୍ ଲାଇନ୍ , ମିଟର ଇତ୍ୟାଦି ହଟାଇପାରିବେ । ଅସ୍ଥାୟୀ ସଂଯୋଗ ବିଚ୍ଛିନ କ୍ଷେତ୍ରରେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ସର୍ଭିସ୍ ଲାଇନ୍ , ମିଟର ଇତ୍ୟାଦି ହଟାଇପାରିବେନାହିଁ । Regulation 171 (i) of the O E R C Supply Code, 2019.

ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀଙ୍କ ଦେୟ ଦାଖଲ ନକରିବା ସ୍ଥିତିରେ : ଦେୟ ଦାଖଲ ପାଇଁ ଗ୍ରାହକଙ୍କୁ ୧୫ ଦିନର ନୋଟିସ୍ ପିରିୟଡ୍ ପରେ Section 56 of the Act ଅନୁଯାୟୀ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଲିଖିତ ଆକାରରେ ଯୋଗାଣ ବିଚ୍ଛିନ୍ନ ପାଇଁ ନୋଟିସ୍ ଜାରି କରିପାରିବେ । ଏହାପରେ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ନୋଟିସ୍ ପିରିୟଡ୍ ସମାପ୍ତ ହେବା ପରେ ସର୍ଭିସ୍ ଲାଇନ୍ /ମିଟର ହଟାଇ ଗ୍ରାହକଙ୍କ ସଂଯୋଗ ବିଚ୍ଛିନ୍ନ କରିପାରିବେ । Regulation 172 (i) of the O E R C Supply Code, 2019.

ଯଦି ଜଣେ ଗ୍ରାହକ ତାଙ୍କ ମିଟରକୁ ସ୍ଥାୟୀ ଭାବରେ ସଂଯୋଗ ବିଚ୍ଛିନ୍ନ କରିବାକୁ ଚାହାଁନ୍ତି, ତେବେ ସେ ଏଥି ପାଇଁ ଲାଇସେନ୍ସପ୍ରାପ୍ତ / ଯୋଗାଣକାରୀ ଙ୍କୁ ଆବେଦନ କରିବେ । ଲାଇସେନ୍ସ ପ୍ରାପ୍ତ / ଯୋଗାଣକାରୀ ଏପରି ଅନୁରୋଧ ଗ୍ରହଣ କରିବାର ଏକ ଲିଖିତ ସ୍ୱୀକୃତି ପ୍ରଦାନ କରିବେ ଏବଂ ପ୍ରଚଳିତ ବିଲ୍ ସହିତ ବକେୟା ଥିଲେ ମଧ ସେହିଠାରେ ହିଁ ସଙ୍ଗେସଙ୍ଗେ ସଂଯୋଗ ବିଚ୍ଛିନ୍ନ କରିବେ । ଏହାପରେ ଲାଇସେନ୍ସ ପ୍ରାପ୍ତ / ଯୋଗାଣକାରୀ ଅନୁରୋଧ ଗ୍ରହଣର ୧୦ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ରିଡିଂ କରି ଚୂଡାନ୍ତ ବିଲ୍ ପ୍ରସ୍ତୁତ କରିବେ ଯେଉଁଥିରେ ସମସ୍ତ ବକେୟା ଅନ୍ତର୍ଭୁକ୍ତ ରହିବ ।Regulation 178 & 179 of the O E R C Supply Code, 2019.

ଯଦି ବିଲ୍ ପୈଠ ହୋଇନଥିବାରୁ ସେବା ଯୋଗାଣ ବିଚ୍ଛିନ୍ନ ହୋଇଥାଏ , ଗ୍ରାହକ ସମସ୍ତ ଦେୟ ଦାଖଲ କରିବା, ବିଳମ୍ବ ପାଏଇଁ ଅତିରିକ୍ତ ଦେୟ ଦାଖଲ ଏବଂ ପୁନଃସଂଯୋଗ ଦେୟ ଦାଖଲ କରିବା ପରେ ଲାଇସେନ୍ସ ପ୍ରାପ୍ତ / ଯୋଗାଣକାରୀ

ପ୍ରମାଣ ଦେଖି ୪ ଘଂଟା ମଧ୍ୟରେ ବିଦ୍ୟୁତ୍ ଯୋଗାଣ କରିବେ । Regulation 183 of the O E R C Supply Code, 2019.

୧୦. ବିଭିନ୍ନ ଅନୁରୋଧ ଓ ସେବା ପାଇଁ ସମୟସୀମା

ଅଭିଯୋଗ/ଅନୁରୋଧ ପ୍ରକାର	ଅଭିଯୋଗ/ଅନୁରୋଧ ଉପପ୍ରକାର	ଓଇଆରସି ନିୟମାବଳୀ ଅନୁଯାୟୀ ଧାର୍ଯ୍ୟ ସମୟସୀମା
ନୂତନ ସେବା ସଂଯୋଗ	ନୂତନ ସଂଯୋଗ ଏଲଟି (ସଂପ୍ରସାରଣ ବିନା)	୭ ଦିନ
	ନୂତନ ସଂଯୋଗ ଏଲଟି (ଏଷ୍ଟିମେଟ ସବମିଶନ)	୫ ଦିନ
	ନୂତନ ସଂଯୋଗ ଏଚଟି (ଏଷ୍ଟିମେଟ ସବମିଶନ)	୧୦ ଦିନ
	୩୩ କେଭି ପର୍ଯ୍ୟନ୍ତ ଇଏଚଟି ଯୋଗାଣ (ଏଷ୍ଟିମେଟ ସବମିଶନ)	୨୧ ଦିନ
	ଲୋ ଟେନସନ୍ (ଏଲଟି) ଯୋଗାଣ (ସମ୍ପ୍ରସାରଣ ଆବଶ୍ୟକ)	୧୦ ଦିନ
	୧୧ କେଭି ଯୋଗାଣ (ସମ୍ପ୍ରସାରଣ ଆବଶ୍ୟକ)	୨୦ ଦିନ
	୩୩ କେଭି ଯୋଗାଣ (ସମ୍ପ୍ରସାରଣ ଆବଶ୍ୟକ)	୩୦ ଦିନ
ମାଲିକାନା ପରିବର୍ତ୍ତନ	ସେବା ସଂଯୋଗ ସ୍ଥାନାନ୍ତର	୧୫ ଦିନ
	କଣ୍ଟ୍ରାକ୍ଟ ଡିମାଣ୍ଡର ବୃଦ୍ଧି	୧୫ ଦିନ
	କଣ୍ଟ୍ରାକ୍ଟ ଡିମାଣ୍ଡର ହ୍ରାସ (ଘରୋଇ)	୧୫ ଦିନ
	କଣ୍ଟ୍ରାକ୍ଟ ଡିମାଣ୍ଡର ହ୍ରାସ (ଅନ୍ୟାନ୍ୟ)	୬୦ ଦିନ
	କ୍ୟାଟେଗୋରୀ ପରିବର୍ତ୍ତନ	୩୦ ଦିନ
ମିଟର ରିଡିଂ	ମିଟର ରିଡିଂ	୭ ଦିନ
ସିକ୍ୟୁରିଟି ରିଫଣ୍ଡ	ସିକ୍ୟୁରିଟି ରିଫଣ୍ଡ	୩୦ ଦିନ
ମିଟର ଟେଷ୍ଟିଂ	ମିଟର ଦ୍ରୁତ ଚାଲିବା	୭ ଦିନ
	ମିଟର ମନ୍ଥର ଚାଲିବା	
ସିଲ୍ ବଦଳାଇବା	ମିଟର ସିଲ୍ ଭଙ୍ଗା	୧୫ ଦିନ
ପୁନଃସଂଯୋଗ	ପୁନଃସଂଯୋଗ	୪ ଘଣ୍ଟା
ଚୁଡାନ୍ତ ବିଲ୍ ବାହାର କରିବା	ଗ୍ରାହକଙ୍କ ସଂଯୋଗ ବିଚ୍ଛିନ୍ନ ଅନୁରୋଧ	୧୦ ଦିନ
ସ୍ଥାନାନ୍ତର	ମିଟର ସ୍ଥାନାନ୍ତର	୧୫ ଦିନ
	ଏଲଟି ଲାଇନ୍ ସ୍ଥାନାନ୍ତର	୩୦ ଦିନ
	୧୧ କେଭି ଲାଇନ୍ ସ୍ଥାନାନ୍ତର	୬୦ ଦିନ
	୩୩ କେଭି ଲାଇନ୍ ସ୍ଥାନାନ୍ତର	୯ ୦ ଦିନ
	୩୩/୧୧ କେଭି ଯୋଗାଣ ଟ୍ରାନ୍ସଫର୍ମର ସିଷ୍ଟମ୍ ସ୍ଥାନାନ୍ତର	୯ ୦ ଦିନ
ବିଲ୍ ରିଭିଜନ୍	ବିବାଦୀୟ ବିଲ୍	୩୦ ଦିନ
	ବକେୟା ବିବାଦ	

	ଭୁଲ୍/ନନ୍ ପୋଷ୍ଟିଂ ବିଲ୍	
ତ୍ରୁଟିପୂର୍ଣ୍ଣ ମିଟର	ମିଟର ଦେଖା ନଯିବା	୩୦ ଦିନ
	ମିଟର ବନ୍ଦ	
ମିଟର ପୋଡିଯିବା	ମିଟର ପୋଡିଯିବା	୩୦ ଦିନ
ଏନପିଏସ୍ (ନୋ ପାୱାର ସପ୍ଲାଏ)	ସାଧାରଣ ଫ୍ୟୁଜ୍ ବନ୍ଦ	
	ସହର (ଟାଉନ୍ ଓ ସିଟି)	୪ ଘଣ୍ଟା
	ଅନ୍ୟାନ୍ୟ ଅଂଚଳ (ଗ୍ରାମାଞ୍ଚଳ)	୧୮ ଘଣ୍ଟା
	ଲାଇନ୍ ବ୍ରେକ୍ ଡାଉନ୍	
	ସହର (ଟାଉନ୍ ଓ ସିଟି)	୮ ଘଣ୍ଟା ଲାଇନ୍ ବ୍ରେକ୍ ଡାଉନ୍
		୧୨ ଘଂଟା ପ୍ରମୁଖ ଲାଇନ୍ ବ୍ରେକ୍ ଡାଉନ୍ ପାଇଁ
	ଅନ୍ୟାନ୍ୟ ଅଂଚଳ (ଗ୍ରାମାଞ୍ଚଳ)	୨୦ ଘଣ୍ଟା ଲାଇନ୍ ବ୍ରେକ୍ ଡାଉନ୍
		୩୬ ଘଂଟା ପ୍ରମୁଖ ଲାଇନ୍ ବ୍ରେକ୍ ଡାଉନ୍ ପାଇଁ
	ଲାଇନ୍ ବ୍ରେକ୍ ଡାଉନ୍	
	ବଣ୍ଟନ ଟ୍ରାନ୍ସଫର୍ମର ବିଫଳ (ସିଟି/ଟାଉନ)	୨୪ ଘଂଟା
	ବଣ୍ଟନ ଟ୍ରାନ୍ସଫର୍ମର ବିଫଳ (ଗ୍ରାମାଞ୍ଚଳ)	୪୮ ଘଂଟା

*** ଓଇଆରସି ନିୟମାବଳୀର ବିଭିନ୍ନ ଧାରା ଅନୁଯାୟୀ ବର୍ତ୍ତାବଳୀ ଲାଗୁ**

୧୧. ସଂଲଗ୍ନ ଗୁଡିକର ତାଲିକା

ନମ୍ବର	ସଂଲଗ୍ନ ବର୍ଣ୍ଣନା	ୱେବସାଇଟ୍ ଲୋକେସନ୍
ସଂଲଗ୍ନ -୧	ନୂତନ ସଂଯୋଗ, ଆଇ ବଣ୍ଡ, ମାଲିକଙ୍କ ଠାରୁ ଏନଓସି, ମୋ ବିଦ୍ୟୁତ୍ ରିଫଣ୍ଡ ଏବଂ ଆବଶ୍ୟକତା ଫର୍ମ	କଷ୍ଟମର ଜୋନ୍ କୁ ଯାଆନ୍ତୁ > ନୂତନ ସେବା ସଂଯୋଗ >ସ୍କ୍ରୋଲ ଡାଉନ କରନ୍ତୁ ଓ ଆବଶ୍ୟକ ଫର୍ମ ଡାଉନଲୋଡ୍ କରନ୍ତୁ
ସଂଲଗ୍ନ -୨	ଓଇଆରସି ଯୋଗାଣ କୋଡ୍	କଷ୍ଟମର ଜୋନ୍ କୁ ଯାଆନ୍ତୁ >ଟାରିଫ ଓ ନିୟମାବଳୀ > ସପ୍ଲାଏ କୋଡ୍ ଡାଉନଲୋଡ୍ କରନ୍ତୁ
ସଂଲଗ୍ନ -୩	ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩	କଷ୍ଟମର ଜୋନ୍ କୁ ଯାଆନ୍ତୁ > ଟାରିଫ ଓ ନିୟମାବଳୀ > ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ଡାଉନଲୋଡ୍ କରନ୍ତୁ
ସଂଲଗ୍ନ -୪	ଇଲେକ୍ଟ୍ରିସିଟି (ଗ୍ରାହକ ଅଧିକାର)ନିୟମ,୨୦୨୦	କଷ୍ଟମର ଜୋନ୍ କୁ ଯାଆନ୍ତୁ > ଟାରିଫ ଓ ନିୟମାବଳୀ >ଇଲେକ୍ଟ୍ରିସିଟି (ଗ୍ରାହକ ଅଧିକାର)ନିୟମ,୨୦୨୦ ଡାଉନଲୋଡ୍ କରନ୍ତୁ